# 'ସକାଳ' ପ୍ରଭାବ: ମରାମତି ହେଲା ସୌର ପାନୀୟ ଜଳ ପ୍ରକଳ୍ପ

ବୌଦ୍ଧ, ୧୨।୪ ( ସମିସ)

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବରଗାଁ ପଞ୍ଚାୟତ ଅଲିକୁଦ ଗ୍ରାମରେ ଥିବା ସୋଲାର ପାନୀୟ ଜଳ ପ୍ରକଳ୍ପ ଶେଷରେ ମରାମତି ହୋଇଛି । ଦୀର୍ଘ ୬ ମାସରୁ ଅଧିକ ହେଲାଣି ଏହା ଅଚଳ ଅବସ୍ଥାରେ ପଡ଼ି ରହିଥିଲା । ଏ ନେଇ ଗତ ମାର୍ଚ୍ଚ ୧୭ ତାରିଖରେ 'ସକାଳ'ରେ ଖବର ପ୍ରକାଶ ପାଇଥିଲା । ଶେଷରେ ଏହି ପ୍ରକଳ୍ପ ଆଜି ମରାମତି କରାଯାଇଛି । ୪୦ ପରିବାର ବସବାସ କରୁଥିବା ଏହି ଗ୍ରାମରେ ଏକ ନଳକୂପ ଅଛି; ହେଲେ ଖରାଦିନେ ସେଥିରୁ ପର୍ଯ୍ୟାପ୍ତ ପାଣି ବାହାରୁ ନାହିଁ । ଏଣୁ ପାଣି ପାଇଁ ହଇରାଣ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ୬ ମାସରୁ ଅଧିକ ହେବ ଏହି ସୋଲାର ପ୍ରକଳ୍ପ ଅଚଳ ହୋଇ ପଡ଼ିବାରୁ ଲୋକେ ନଳକୂପ ଉପରେ ନିର୍ଭର କରି ଚଳୁଥିଲେ । ଖରାର ପ୍ରକୋପ ବଢ଼ିବାରେ ଲାଗିଥିବା ବେଳେ ପାଣି ପାଇଁ ଲୋକଙ୍କ ସମସ୍ୟା ଦ୍ୱିଗୁଣିତ ହେଉଛି । ପିଇବା ସହ ଅନ୍ୟାନ୍ୟ ଆବଶ୍ୟକତା ପାଇଁ ନଳକୂପ ଉପରେ ନିର୍ଭର କରି ବହୁତ୍ ହଇରାଣ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଅନ୍ୟପଟେ ଅଚଳ ସୌରଶକ୍ତି ପ୍ରକଳ୍ପକୁ ଚାଲୁ କରିବା ପାଇଁ ପଞ୍ଚାୟତଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ କେହି ଶୁଣୁ ନ ଥିଲେ । ସରକାର ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଏହି ସୋଲାର ପାନୀୟ ଜଳ ପ୍ରକଳ୍ପ କରିଥିଲେ ମଧ୍ୟ

**୬ ମାସ ହେଲା ପିଇବା ପାଣି ପାଇଁ ହନ୍ତସନ୍ତ ହେଉଥିଲେ ୪୦ ପରିବାର**

ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ଲୋକେ ପାଣି ନ ପାଇ ବହୁତ ହଇରାଣ ହେଉଥିବା ଦେଖିବାକୁ ମିଳିଥିଲା । ଏ ନେଇ 'ସକାଳ'ରେ ଖବର ପ୍ରକାଶ ଏହାକୁ ବୌଦ୍ଧ ଜିଲ୍ଲାର ମନଧର କର୍ମୀ ସାମାଜିକ ଗଣମାଧ୍ୟମ 'ଏକ୍ସ' ମାଧ୍ୟମରେ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ । ଶେଷରେ ଏହି ପ୍ରକଳ୍ପକୁ ମରାମତି କରାଯାଇଛି । ପ୍ରକଳ୍ପ ମରାମତି ପରେ ଲୋକେ ଖୁସିବ୍ୟକ୍ତ କରିବା ସହ 'ସକାଳ'କୁ ଧନ୍ୟବାଦ ଜଣାଇଛନ୍ତି ।



# ୭୨ କେଜି ୯୩୦ ଗ୍ରାମ ଗଞ୍ଜେଇ ଜବତ



ତରଭା, ୧୨।୪(ସମିସ): ତରଭା ପୁଲିସ ୭୨ କେଜି ୯୩୦ ଗ୍ରାମ ଗଞ୍ଜେଇ ଜବତ କରିଛି । ପୁଲିସ ପାଣିମୁରା-ପଣ୍ଡକିମାଲ ରାସ୍ତାରେ ପାଟ୍ରୋଲିଂ କରୁଥିଲା । ଏହି ସମୟରେ କୌଣସି ସୂତ୍ରରୁ ଖବର ପାଇ ଶତ୍ରୁପାଲି ପତ୍ରା

**ଅଭିଯୁକ୍ତ ଫେରାର**

ଜଙ୍ଗଲରେ ଚଢଉ କରିଥିଲା । ତେବେ ପୁଲିସର ଉପସ୍ଥିତି ଜାଣିପାରି ମାଫିଆ ପାଳଗଦାରେ ଗଞ୍ଜେଇ ଲୁଚାଇ ଦେଇ ଫେରାର ମାରିଥିଲେ । ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ତରଭା ଅତିରିକ୍ତ ତହସିଲଦାର ଦୀପ୍ତିମୟୀ ଭୁଏଙ୍କ ଉପସ୍ଥିତିରେ ଗଂଜେଇ ଓଜନ କରାଯାଇଥିଲା । ପଣ୍ଡକିମାଲ ଗ୍ରାମର ରାଜେଶ ସାହୁ ଓ ଶତ୍ରୁପାଲି ଗ୍ରାମର ତପନ ପାତ୍ରର ଏଥିରେ ସମ୍ପୃକ୍ତି ଥିବା ଆଇଆଇସି ଅନିତା କିଡୋ କହିଛନ୍ତି । ଏନେଇ ଏକ ମାମଲା ରୁଜୁ ହୋଇଛି । ଅଧିକ ତଦନ୍ତ ଚାଲିଥିବା ସେ କହିଛନ୍ତି । ଏସ୍ଆଇ ପ୍ରସନ୍ନଜିତ ବେହେରା, ହାବିଲଦାର ଶତ୍ରୁଘନ ମେହେର, ଜ୍ୟୋତ୍ସ୍ନା ପଧାନ, ସୋମନାଥ ଶତପଥୀ ପ୍ରମୁଖ ଏହି ଚଢଉରେ ସାମିଲ ଥିଲେ । ଏଠାରେ ଆଶ୍ଚର୍ଯ୍ୟ ବିଷୟ ଯେ, ଅବକାରୀ ପୁଲିସ ବାରମ୍ବାର ବେଆଇନ ଗଞ୍ଜେଇ, ମଦ କାରବାର ଉପରେ ଚଢଉ କରି ଜବତ କରୁଛି । ଅଭିଯୁକ୍ତକୁ ଧରୁଛି; କିନ୍ତୁ ଅବକାରୀ ବିଭାଗ କିଭଳି ଜାଣିପାରୁ ନାହିଁ ତାହା ପ୍ରଶ୍ନ ସୃଷ୍ଟି କରୁଛି । ନା ସବୁ ଜାଣି ଜାଣି ଚୁପ୍ ରହୁଛି ତାହା ମଧ୍ୟ ସନ୍ଦେହ ସୃଷ୍ଟି କରିଛି ।

# ଚମ୍ପାମାଲ ରାମଲୀଳାରେ ଲକ୍ଷ୍ମଣ ଶକ୍ତି ଭେଦ



ବୀରମହାରାଜପୁର, ୧୨।୪(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ନିକଟସ୍ଥ ଚମ୍ପାମାଲ ଗ୍ରାମରେ ମଧ୍ୟ ରାମଲୀଳା ନାଟକ ଅବସରରେ ନାଟକ 'ଲକ୍ଷ୍ମଣ ଶକ୍ତି ଭେଦ' ମଞ୍ଚସ୍ଥ ହୋଇଛି । ଅଜିତ ଥନାପତି ରାମ ଭୂମିକାରେ ଅଭିନୟ କରୁଥିବାବେଳେ ବିଦ୍ୟାଧର ଥନାପତି ଲକ୍ଷ୍ମଣ ଭାବେ, ସଞ୍ଜୀବ ଭୋଇ ହନୁମାନ ଭାବେ, ହିମାଂଶୁ ଥନାପତି ସୀତା ଭାବେ, ପ୍ରଶାନ୍ତ ମହାରଣା ମନ୍ଦୋଦରୀ ଭାବେ, ଉପେନ୍ଦ୍ର ଥାନାପତି ତ୍ରିଜଟା ଭାବେ ଅଭିନୟ କରୁଛନ୍ତି । ପ୍ରମୋଦ ପୁରୋହିତ, ସଞ୍ଜୟ ନେଗୀ ମନ୍ତ୍ରୀ ଭୂମିକାରେ ଅଭିନୟ କରୁଥିବାବେଳେ ଉଗ୍ରେସନ ସେଠି ସୁଗ୍ରୀବ ଭାବେ, କିଶୋର ହୋତା ଅନ୍ୟାନ୍ୟ ଭୂମିକାରେ ଅଭିନୟ କରିବା ବେଶ୍ ଚିତ୍ତାକର୍ଷକ ହୋଇଥିଲା । ରାମକୃଷ୍ଣ ହୋତା ପ୍ରତ୍ୟହ ଶ୍ରୀରାମଙ୍କ ଦଶାବତାର ବନ୍ଦନା ଗାନ କରିଥିଲେ । ପଞ୍ଚାନନ ଥନାପତି, କାର୍ତ୍ତିକ ଭୁକ୍ତା, ବାବୁଲୁ ସିଂ, ଚିତ୍ରକର ଭାବରେ ଉପେନ୍ଦ୍ର ମହାରଣା, ଶ୍ରବଣ ମହାରଣା, ଦୀନବନ୍ଧୁ ମହାରଣା ବିଭିନ୍ନ ବାଦ୍ୟଯନ୍ତ୍ରରେ ସହଯୋଗ କରୁଛନ୍ତି । ଶ୍ରୀରାମ ବିଶି, ଭୀଷ୍ମ ଥନାପତି ଏବଂ ବିକଳ୍ପ ସେଠି ଶବ୍ଦ ଓ ଆଲୋକ ପରିଚାଳନା କରୁଛନ୍ତି ।

# ଭାରତ ବିକାଶ ପରିଷଦର ଶପଥ ଗ୍ରହଣ ସମାରୋହ




ବଲାଙ୍ଗିର, ୧୨।୪(ସମିସ): ଭାରତ ବିକାଶ ପିରଷଦ ବଲାଙ୍ଗିର ଶାଖାର ନବ ନିର୍ବାଚିତ ପଦାଧିକାରୀ ଶପଥ ଗ୍ରହଣ କରିଛନ୍ତି । ସଭାପତି ଧନଞ୍ଜୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପରିଷଦର କ୍ଷେତ୍ରୀୟ ଯୁଗ୍ମ ସାଧାରଣ ସମ୍ପାଦକ ପ୍ରକାଶ ପଟ୍ଟନାୟକ, ପ୍ରଦେଶ ସଭାପତି ଗୋବିନ୍ଦ ଚନ୍ଦ୍ର ପଣ୍ଡା, ଉପ ସଭାପତି ମହେନ୍ଦ୍ର ଅଗ୍ରୱାଲ, ସାଧାରଣ ସମ୍ପାଦକ ଦୁର୍ଯ୍ୟୋଧନ ସାହୁ ଉପସ୍ଥିତ ରହି ଶପଥ କାର୍ଯ୍ୟବିଧି ସମ୍ପର୍ଣ୍ଣ କରିଥିଲେ । ସଭାପତି ଶ୍ରୀ ମିଶ୍ରଙ୍କ ସ୍ୱାଗତ ଅଭିଭାଷଣ ଦେଇଥିଲେ । ସମ୍ପାଦକ ମାନସ ରଞ୍ଜନ ବହିଦାର ବାର୍ଷିକ ବିବରଣୀ ପଠନ କରିଥିଲେ । ଅର୍ଥସଚିବ ଦିନ ଦୟାଲ ଅଗ୍ରୱାଲ ଗତ ଆର୍ଥିକ ବର୍ଷର ଆୟ ବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ । ଏହି ଅବସରରେ ସଭାପତି ବଂଶୀଧର ସା, ସାଧାରଣ ସମ୍ପାଦକ ଯତୀନ୍ଦ୍ର ପଟେଲ, ଅର୍ଥ ସଚିବ ଶୈଳେଶ ଜୈନ, ପର୍ଯ୍ୟାବରଣ ସଚିବ ବିରେନ୍ଦ୍ର ହୋତା, ସମ୍ପର୍କ ସଚିବ ଅଚ୍ୟୁତାନନ୍ଦ ପରୋହିତ, ସଂସ୍କାର ସଚିବ ଅଜିତ ପଣ୍ଡା, ସେବା ସଚିବ ଶୈଳେଶ ଅଗ୍ରୱାଲ ଏବଂ ମହିଳା ସହ ଭାଗିତା ସଚିବ ମମତା ରାଣୀ ମହାନ୍ତି ଶପଥ ପାଠ କରିଥିଲେ । କ୍ଷେତ୍ର ଯୁଗ୍ମ ସମ୍ପାଦକ ପ୍ରକାଶ ପଟ୍ଟନାୟକ, ପ୍ରଦେଶ ସମ୍ପାଦକ ଦୁର୍ଯ୍ୟୋଧନ ସାହୁ, ଅଜିତ ପଣ୍ଡା, ରାଷ୍ଟ୍ରୀୟ ସ୍ୱୟଂ ସେବା ସଂଘର ବିଭାଗ ସଂଘ ଚାଳକ ଯତୀନ୍ଦ୍ର ମୋହନ ପାଠୀ, ବିଭାଗ ବ୍ୟବସ୍ଥା ପ୍ରମୁଖ ସୁରେନ୍ଦ୍ର ସେଠ ପ୍ରମୁଖ ଉପସ୍ଥିତ ଥିଲେ । ପରିଷଦର ବଲାଙ୍ଗିର ଶାଖା ସମ୍ପାଦକ ଯଦିନ୍ଦ୍ର ପଟେଲ ଧନ୍ୟବାଦ ଦେଇଥିଲେ ।

# ୮୦ ଫୁଟ ଉଚ୍ଚରେ ଚାଲିବ ଟ୍ରେନ

ହରଭଙ୍ଗା, ୧୨।୪(ସମିସ): ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପରେ ବୌଦ୍ଧ ଜିଲ୍ଲାରେ ୨ଟି ବିଶାଳକାୟ ଉଚ୍ଚ ପୋଲର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି । କରଞ୍ଜକଟା ଓ ତିଳକୂପ ଗ୍ରାମ ନିକଟରେ ନିର୍ମିତ ଏହି ବ୍ରିଜ୍ ଏବେ ଟ୍ରେନ୍ ଚଳାଚଳ ପାଇଁ ପ୍ରସ୍ତୁତ । ବିଦ୍ୟୁତ ସଂଯୋଗ ଓ ସେଫ୍ଟି ଫେନସିଙ୍ଗ କାମ ଶେଷ ହେବା ପରେ ଖୁବଶୀଘ୍ର ଏହି ରୁଟ୍‌ରେ ଟ୍ରେନ୍ ଟ୍ରାଏଲ୍ ରନ୍ କରାଯିବ । ଖୋର୍ଦ୍ଧା-ବଲାଙ୍ଗୀର ରେଳପଥକୁ ସଂଯୋଗ କରିବା ପାଇଁ ବୌଦ୍ଧ ଜିଲ୍ଲାର ପାହାଡ଼ିଆ ଅଞ୍ଚଳରେ ୪ଟି ଟନେଲ ସହ ଏହି ୨ଟି ବିଶାଳ ଉଚ୍ଚ ପୋଲ ନିର୍ମାଣ କରାଯାଇଛି । ଠିକା ସଂସ୍ଥା ପକ୍ଷରୁ ନିର୍ମାଣ କାର୍ଯ୍ୟ ସରିବା ପରେ ଏବେ ରେଳଧାରଣା ବିଛାଇବା କାର୍ଯ୍ୟ ମଧ୍ୟ ସମ୍ପୂର୍ଣ୍ଣ ହୋଇଛି । ବର୍ତ୍ତମାନ ବିଦ୍ୟୁତ ସଂଯୋଗୀକରଣ ଏବଂ ସୁରକ୍ଷା ପାଇଁ ସେଫ୍ଟି ଫେନସିଙ୍ଗ କାମ ଜାରି ରହିଛି । କରଞ୍ଜକଟା ଉଚ୍ଚ ପୋଲର ଲମ୍ବ ହେଉଛି ୧.୨ କିଲୋମିଟର ବା ୧୨୦୦ ମିଟର । ଏଥିରେ ୪୬ଟି ପିଲର ଅଛି । ସେହିଭଳି ତିଳକୂପ ଉଚ୍ଚ ପୋଲର ଲମ୍ବ ୬୦୦ ମିଟର ରହିଛି । ୨୦ଟି ପିଲର ଉପରେ ଏହା ଠିଆ ହୋଇଛି । ଏହି ୨ ଜାଗାର ବିଶାଳ ଉଚ୍ଚ ପୋଲ ଭୂମିରୁ ୭୦ରୁ ୮୦ ଫୁଟ ଉପରେ ରହିଛି । ଏବେ କେବଳ ରେଳ ବିଭାଗର ସେଫ୍ଟି ମେଜର ଯାଞ୍ଚ ଏବଂ ଟ୍ରାଏଲ୍ ରନ୍‌କୁ ଅପେକ୍ଷା କରାଯାଇଛି । ଏହି ପ୍ରକ୍ରିୟା ଶେଷ ହେବା ମାତ୍ରେ ପୁରୁଣାକଟକରୁ ଆଉ ୧୦ କିଲୋମିଟର ଆଗକୁ ଅର୍ଥାତ୍ ଡେଇସିମାଇଲ ଷ୍ଟେସନ ପର୍ଯ୍ୟନ୍ତ ରେଳ ଗଡ଼ିବ; ଯାହା ବୌଦ୍ଧବାସୀଙ୍କ ପାଇଁ ଯୋଗାଯୋଗ କ୍ଷେତ୍ରରେ ଏକ ନୂଆ ମାଇଲଖୁଣ୍ଟ ସ୍ଥାପନ କରିବ ।



# ସିଏମ୍ ଟ୍ରଫି-୨୦୨୬ ଫୁଟବଲ ପ୍ରତିଯୋଗିତା ତୃତୀୟ ଦିବସ



ବଲାଙ୍ଗିର, ୧୨।୪(ସମିସ): ସ୍ଥାନୀୟ ଗାନ୍ଧୀ ଷ୍ଟାଡ଼ିୟମ୍‌ରେ ଓଡ଼ିଶା କ୍ରୀଡ଼ା ମହାକୁମ୍ଭ ସିଏମ୍ ଟ୍ରଫି ଆନ୍ତଃ କ୍ଲବ୍ ଓ ଆନ୍ତଃ ଜିଲ୍ଲା ଫୁଟବଲ୍ ଚାମ୍ପିୟନସିପ୍-୨୦୨୬ର ଦ୍ୱିତୀୟ ସଂସ୍କରଣ ଅବସରରେ ରବିବାର ତୃତୀୟ ଦିବସ ଖେଳ ଅନୁଷ୍ଠିତ ହୋଇଯାଇଛି । ସକାଳ ଖେଳରେ ଲୋଇସିଂହା ଏଫ୍‌ସି ୫-୧ଗୋଲରେ ବଙ୍ଗୋମୁଣ୍ଡା ଏଫ୍‌ସିକୁ ହରାଇ ବିଜୟୀ ହୋଇଛି । ସେହିପରି ଅପରାହ୍ନ ଖେଳ ବାଳିକ ବର୍ଗରେ ପୁଇଁନ୍ତଲା ବନାମ ତୁରେକେଲା ଖେଳ ଅମିମାଂସିତ ରହିଥିଲା । ଅତିଥି ଭାବେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ ପାତ୍ର, କ୍ରୀଡ଼ା ସଂସଦ ଉପ-ସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ବରିଷ୍ଠ ସଦସ୍ୟ ଜୟରାମ ମିଶ୍ର, ଡା. ସିଦ୍ଧେଶ୍ୱର ମିଶ୍ର, ଡା. ଶୁଭମ ମିଶ୍ର, ପ୍ରଶାନ୍ତ ପଟ୍ଟନାୟକ, ସୁଧାଂଶୁ ସେଠ ଓ ଭରତ ଡାଙ୍ଗ ଯୋଗ ଦେଇଥିଲେ । ଜିଲ୍ଲା କ୍ରୀଡ଼ା ସଂସଦ ତଥା ଫାଓ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର ମଞ୍ଚାସୀନ ଥିଲେ । ସଂସଦର କୋଷାଧ୍ୟକ୍ଷ ହେମନ୍ତ ବେହେରା ମଞ୍ଚ ପରିଚାଳନା କରିଥିଲେ । ଫୁଟବଲ ସମ୍ପାଦକ ଶରତ ନନ୍ଦ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇ ଥିଲେ । ଦୋଳଗୋବିନ୍ଦ ମୁଣ୍ଡା, ଜିତେନ୍ଦ୍ର ପାତ୍ର, ଗୌରହରି ପଟେଲ, ମଳୟ ଘିଭେଲା, ଦେବାଶିଷ ବାଗ, ଧନେଶ୍ୱର ସେଠ, ଯଶୋବନ୍ତ ମାଝୀ ଓ ନରସିଂସ୍ୱାମୀ ନାଇଡୁ ପରିଚାଳନା କରିଥିଲେ ।

# କୋଟସମଲାଇ ଶ୍ରୀରାମଲୀଳା ଉତ୍ସବରେ ଲକ୍ଷ୍ମଣ ଶକ୍ତିଭେଦ ମଞ୍ଚସ୍ଥ

ବୀରମହାରାଜପୁର, ୧୨।୪(ସମିସ): ସୋନପୁର ଗଡ଼ଜାତର ଅନ୍ୟତମ ପୁରାତନ ଅନୁଷ୍ଠାନ ଉଲୁଣ୍ଡା ବ୍ଲକର କୋଟସମଲାଇ ବାହାରିପଡ଼ା । ରଘୁନାଥ ମନ୍ଦିର ନିକଟରେ ଶ୍ରୀ ରଘୁନାଥ ନାଟ୍ୟ କଳାପରିଷଦ ତରଫରୁ ଚଳିତ ବର୍ଷ ୭୫ତମ ଶ୍ରୀରାମଲୀଳା ଉତ୍ସବ ପାଳନ କରାଯାଉଛି । ଏହି ଅବସରରେ ଲକ୍ଷ୍ମଣ ଶକ୍ତିଭେଦ ନାଟକ ମଞ୍ଚସ୍ଥ ହୋଇଥିଲା । ଏଥିରେ ଶ୍ରୀରାମ ଭୂମିକାରେ ଭିକାରୀ ସେଠୀ, ଲକ୍ଷ୍ମଣ ଭାବେ ନରେନ୍ଦ୍ର ବାଘ, ହନୁମାନ ଭାବେ ଶରଦ କର୍ଣ୍ଣ, ବିଭୀଷଣ ଭାବେ ସୁବାଷ ବନଛୋର, ସୀତା ଭାବେ ବୁଦ୍ଧଦେବ ମେଣ୍ଡିଲି, ଭରତ ଭାବେ ବୃଷଭ କର୍ଣ୍ଣ, ରାବଣ ଭାବେ ଦିଗାମ୍ବର ଚୌଧୁରୀ ପ୍ରମୁଖଙ୍କ ଅଭିନୟ ଉଚ୍ଚକୋଟିର ଥିଲା । ଜାନକୀରାମ ଦେହେରୀ, ମନୋରଞ୍ଜନ ପାଢ଼ୀ, ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ପଞ୍ଚାନନ ମନ୍ତ୍ରା, ଚମରା ସେଠୀ ପ୍ରମୁଖ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ । ସେହିଭଳି ପୂଜକ ସରୋଜ ପୂଜାହାରୀ, ଚିତ୍ତରଞ୍ଜନ ପାଢ଼ୀ, ହୃଷିକେଶ ପଧାନ, ଜନ୍ମ ବାରକୁଟିଆ, ବୀରମିତ୍ର ପଧାନ, ଅନିଲ ପୁରୋହିତ, ବିଭୀଷଣ ସେଠୀ, କିଶୋର ପଧାନ, ଘାସିରାମ ମେଣ୍ଡିଲି, ରଘୁନାଥ ବାରକୁଟିଆ, କାହ୍ନା ଗଡୁଆ, ଅଖୁଜ ଖୁର୍ଦ୍ଦିଆ, ରାମଗୋପାଳ ସେଠୀ ପ୍ରମୁଖ ବିଭିନ୍ନ ଦାୟିତ୍ୱ ତୁଲାଇଥିଲେ ।

# ମର୍ଯ୍ୟାଦପୁର ନିକଟରେ ଓଲଟିଲା ଫଳ ବୋଝେଇ ପିକ୍‌ଅପ୍

ଜହ୍ନାପଙ୍କ, ୧୨।୪(ସମିସ): ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ତଥା ବୌଦ୍ଧ ଥାନା ଅଧୀନ ମର୍ଯ୍ୟାଦପୁର ନିକଟରେ ରବିବାର ସକାଳ ୭ ଟାରେ ଦୁର୍ଘଟଣା ଘଟିଛି । ଏକ ଫଳ ବୋଝେଇ ପିକ୍‌ଅପ୍ ଭ୍ୟାନ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି । ବଲାଙ୍ଗୀରରୁ ଫଳ ଓ ପନିପରିବା ବୋଝେଇ କରି ଗାଡ଼ିଟି ବୌଦ୍ଧ ପଟକୁ ଆସୁଥିଲା । ମର୍ଯ୍ୟାଦପୁର ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡର ଏକ ଗଛକୁ ଧକ୍କା ଦେଇ ଓଲଟି ପଡ଼ିଥିଲା । ତେବେ ଗାଡି ଚାଳକ ଅଳ୍ପକେ ବର୍ତ୍ତି ଯାଇଥିବା ସୂଚନା ମିଳିଛି । ଖବର ପାଇ ବୌଦ୍ଧ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

# ରକ୍ତଦାନ କଲେ ପୃଥ୍ୱିରାଜ ହାଇସ୍କୁଲ ପୁରାତନ ଛାତ୍ର

ବଲାଙ୍ଗୀର, ୧୨।୪(ସମିସ): ସ୍ଥାନୀୟ ପୃଥ୍ୱିରାଜ ହାଇସ୍କୁଲ ପରିସରରେ ପୁରାତନ ଛାତ୍ର ସଂଘ ତରଫରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷିନୀ ସେଠୀ, ସମ୍ମାନିତ ଅତିଥି ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ପଟେଲ ଓ ପୂର୍ବତନ ଶିକ୍ଷକ ରାମଗୋପାଳ ଖମାରୀ ଶର୍ମା ଯୋଗ ଦେଇଥିଲେ । ବହୁ ପୂରାତନ ଛାତ୍ର ଯୋଗ ଦେଇ ରକ୍ତଦାନ କରିଥିଲେ ।



# ବିଦ୍ୟାଳୟ ବରିଷ୍ଠ କିରାଣିଙ୍କ ଦେହାନ୍ତ



ବଲାଙ୍ଗିର, ୧୨।୪(ସମିସ): ବଲାଙ୍ଗିର ଜିଲ୍ଲା ଶିବତଲା ହାଇସ୍କୁଲର ବରିଷ୍ଠ କିରାଣୀ ସୋମନାଥ ପଟେଲଙ୍କ ୪୯ ବର୍ଷରେ ପରଲୋକ ଘଟିଛି । ତାଙ୍କର ଏକମାତ୍ର ପୁତ୍ର ଆଲୋକ ପଟେଲ ମୁଖାଗ୍ନି ଦେଇଥିଲେ । ସୂଚନାଯୋଗ୍ୟ, ସେ ମଧିଆପାଲି ନିବାସୀ ୮୪ ଘର ଅଘରିଆ ସମାଜର କେନ୍ଦ୍ର ସଭାପତି ଶୁଭ୍ରାଂଶୁ ଶେଖର ପଟେଲଙ୍କ ପୁତୁରା ।

# ଅବସରପ୍ରାପ୍ତ ପୋଷ୍ଟମାଷ୍ଟରଙ୍କ ପତ୍ନୀ ବିୟୋଗ



ବୌଦ୍ଧ, ୧୨।୪(ସମିସ): ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଜହ୍ନାପଙ୍କ ଗ୍ରାମର ଅବସରପ୍ରାପ୍ତ ପୋଷ୍ଟମାଷ୍ଟର ପ୍ରସନ୍ନ ଜେନାଙ୍କ ପତ୍ନୀ ସତ୍ୟଭାମା ଜେନାଙ୍କ ୭୩ ବର୍ଷ ବୟସରେ ପରଲୋକ ହୋଇଯାଇଛି । ସେ ଦୀର୍ଘ ଦିନ ହେଲା ଅସୁସ୍ଥ ଥିଲେ । ତାଙ୍କ ପରଲୋକ ଖବର ପାଇ ବନ୍ଧୁ ବାନ୍ଧବ ପହଞ୍ଚି ଶେଷ ଦର୍ଶନ କରିଥିଲେ । ସ୍ଥାନୀୟ ଶ୍ମଶାନରେ ତାଙ୍କ ଶେଶକୃତ୍ୟ ସମ୍ପନ୍ନ ହୋଇଛି । ବଡ଼ ପୁଅ ପ୍ରଫୁଲ୍ଲ ମୁଖାଗ୍ନି ଦେଇଥିଲେ ।

# ଓଡ଼ିଆ ପକ୍ଷ ଅବସରରେ ବରପୁତ୍ରଙ୍କ ସ୍ମୃତିଚାରଣ



ବୌଦ୍ଧ, ୧୨।୪(ସମିସ): ବୌଦ୍ଧ ଜିଲ୍ଲା ମ୍ୟୁଜିୟମରେଠାରେ ଓଡ଼ିଆ ପକ୍ଷ ପାଳନ ଅବସରରେ ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ରୂପେ ଉପ ଜିଲ୍ଲାପାଳ ବିନୟ ଭୋଇ, ବୌଦ୍ଧ ତହସିଲଦାର ଅନିତା ସାହୁ, ଅବସରପ୍ରାପ୍ତ ପ୍ରଧାନ ଆଚାର୍ଯ୍ୟ ଶ୍ୟାମସୁନ୍ଦର ମହାପାତ୍ର, କନ୍ଧମାଳ ସାଂସଦଙ୍କ ପ୍ରତିନିଧି ତଥା ଦୈନିକ ହୀରାଞ୍ଚଳର ସମ୍ପାଦକ ଯୁଗଳ କିଶୋର ସାମଲ ମଞ୍ଚାସୀନ ରହି ଉତ୍କଳର ବନ୍ଦନୀୟ ବରପୁତ୍ରମାନଙ୍କ ଉପରେ ନିଜ ନିଜ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ବୌଦ୍ଧର ଦିବଂଗତ କବି, ଲେଖକ, ସାହିତ୍ୟିକ ତଥା ବରପୁତ୍ରମାନଙ୍କ ସମ୍ପର୍କରେ ଆଲୋଚକ ହୋଇଥିଲା । ସତ୍ୟଜିତ ପଣ୍ଡା, ରମେଶ ପ୍ରସାଦ ମେହେର, ସତ୍ୟନାରାୟଣ ପାଣି, ଭିକାରି ଚରଣ ମହାପାତ୍ର ପ୍ରମୁଖ ଆଲୋଚକ ଭାବେ ଆଲୋଚନା କରିଥିଲେ । ସହକାରୀ ଜିଲ୍ଲାପାଳ ଅଙ୍କିତା ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଶିକ୍ଷକ ତଥା କବି ନବ କିଶୋର ଦୀପ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଶ୍ରଦ୍ଧାଞ୍ଜଳି ସାହୁ, ଅନ୍ୱେଷୋ ମିଶ୍ର ଓ ସୁଧୀର ଦୀପ ପ୍ରମୁଖ କବିତା ପାଠୋତ୍ସବରେ ସଂଯୋଜନା କରିଥିଲେ ।

**ତରଭା:** ସୁବର୍ଣ୍ଣପୁର ଜିଲ୍ଲା ଗ୍ରନ୍ଥାଗାରରେ ମଧ୍ୟ ଓଡ଼ିଆ ପକ୍ଷ ପାଳନର ଦ୍ୱାଦଶ ଦିନରେ ବରପୁତ୍ର ସମ୍ମିଳନୀ ଓ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା । ଜିଲ୍ଲା ସଂସ୍କୃତି ବିଭାଗ ଦ୍ୱାରା ପୂର୍ବାହ୍ନ ୧୦ଟାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଡ. ନୃପରାଜ ସାହୁ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), ଅଞ୍ଜଳିନା ପ୍ରଧାନ, ସୁଦାମ ନାଏକ, ସୁଦାମ ଦୀପ ଓ ଦେବଦାସ ମହାପାତ୍ର ଯୋଗ ଦେଇଥିଲେ । ଓଡ଼ିଶାର ସଂସ୍କୃତି ପୁରୁଷ, ବିପ୍ଳବୀ ଓ ନାରୀ ସଂଗ୍ରାମୀମାନଙ୍କ ଉପରେ ଅତିଥିଗଣ ଆଲୋଚନା କରିଥିଲେ । ଜଣାଶୁଣା ଲେଖକ ଗୋରେଖ ନାଥ ସାହୁ ଆଲୋଚନାଚକ୍ରକୁ ସମୀକ୍ଷା କରିଥିଲେ । ଏହି ଅବସରରେ ସୁବର୍ଣ୍ଣପୁରର ୫୦ ଜଣ ଲେଖକ, ଲେଖିକା, ବୁଦ୍ଧିଜୀବୀ ଓ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ କବିତା ପାଠୋତ୍ସବରେ ଅଂଶଗ୍ରହଣ କରିଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ ସ୍ୱାଗତ ଭାଷଣ ଦେଇଥିବା ବେଳେ ଲକ୍ଷ୍ମୀନାରାୟଣ ସାହୁ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ ।



**ଓଡ଼ିଶା ଫରେଷ୍ଟ ଉଡ୍ ଏଗ୍ରିକଲଚର ଆଣ୍ଡ ବିଲଡିଂ କନଷ୍ଟ୍ରକସନ ୱାର୍କର ୟୁନିୟନର ସମ୍ମିଳନୀ**

# ନିର୍ମାଣ ଶ୍ରମିକଙ୍କୁ ସବୁ ସୁବିଧା ସୁଯୋଗ ଏବେ ବନ୍ଦ





ବଲାଙ୍ଗିର, ୧୨।୪(ସମିସ)

ସ୍ଥାନୀୟ ଯାଦବ ଭବନଠାରେ ଏଆଇଟିୟୁସି ସହବନ୍ଧିତ ଓଡ଼ିଶା ଫରେଷ୍ଟ ଉଡ ଏଗ୍ରିକଲଚର ଏଣ୍ଡ ବିଲଡିଂ କନଷ୍ଟ୍ରକସନ ୱାର୍କର ୟୁନିୟନର ୩ୟ ଜିଲ୍ଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜ୍ୟ ସଂଗଠନ ତଥା ରାଜ୍ୟ ଏଆଇଟିୟୁସି ର ସାଧାରଣ ସମ୍ପାଦକ ବିଜୟ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ନିଖିଳ ଓଡ଼ିଶା ଆଶା କର୍ମୀ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ନମିତା ସାହୁ, ଏଆଇଟିୟୁସି ବଲାଙ୍ଗିର ଜିଲ୍ଲା ସଭାପତି ତୀର୍ଥ ପଧାନ, ସଙ୍ଗୀତା ବେହେରା ଓ କଲ୍ୟାଣୀ ଭାଟି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ରାଜ୍ୟରେ ବିଜେପି ଶାସିତ ଡବଲ ଇଂଜିନ ସରକାର କ୍ଷମତାସୀନ ହେଲା ଦିନଠାରୁ ଶ୍ରମିକ ଶ୍ରେଣୀର ଲୋକଙ୍କ ଉପରେ ଦୈନନ୍ଦିନ ଜୀବନରେ ଚଳିବା ପାଇଁ ଡବଲ ବୋଝ ପଡ଼ିଯାଇଛି । ଦୈନନ୍ଦିନ ଜୀବନରେ ବ୍ୟବହାର ହେଉଥିବା ଖାଦ୍ୟ ସାମଗ୍ରୀ ତଥା ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦରଦାମ ବଢ଼ିଚାଲିଛି । ଏଣୁ ଲୋକଙ୍କ ଜୀବନ ଜୀବିକା ଦୁର୍ବିସହ ହୋଇଯାଇଛି । ପଞ୍ଜିକୃତ ନିର୍ମାଣ ଶ୍ରମିକଙ୍କ କାର୍ଡରେ ପୂର୍ବରୁ ଯେଉଁ ଆର୍ଥିକ ସୁବିଧା ସୁଯୋଗ ମିଳୁଥିଲା ଏବେ ତାହା ବନ୍ଦ କରିଦିଆଯାଇଛି । ଜିଲ୍ଲା ଶ୍ରମ କାର୍ଯ୍ୟାଳୟରୁ ଠିକ ସମୟରେ ଶ୍ରମିକଙ୍କୁ ଶ୍ରମ କାର୍ଡ ମଧ୍ୟ ଦିଆଯାଉନାହିଁ । ବଲାଙ୍ଗିର ଦାଦନ ପ୍ରବଣ ଜିଲ୍ଲା ହେତୁ ଅଧିକାଂଶ ଲୋକ ଶ୍ରମିକ ଶ୍ରେଣୀର । ଏବେ ଏମାନଙ୍କ ଦୁଃଖ କହିଲେ ନ ସରେ ବୋଲି ଏଥିରେ କୁହାଯାଇଛି । ସଂଗଠନକୁ ତୃଣମୂଳ ସ୍ତରରୁ ମଜବୁତ କରି ସଂଗଠିତ କରିବା ସଙ୍ଗେ ସଙ୍ଗେ ବ୍ଲକ, ଜିଲ୍ଲା, ରାଜ୍ୟ ତଥା ଜାତୀୟ ସ୍ତରରେ ସରକାରଙ୍କଠାରୁ ନିଜର ହକ୍ ହାସଲ କରିବା ପାଇଁ ଜୋରସୋର ଲଢେଇ କରିବାକୁ ପଡ଼ିବ ବୋଲି କୁହାଯାଇଛି । ଜ୍ୟୋତ୍ସ୍ନା ଚନ୍ଦନ, ରୀନା ନାଏକ, ଉମ୍ବରୁ କାଲସୋଏ, ଘାସିରାମ ସାହୁ, କଳାବତୀ ସାହୁ, ଧର୍ମରାଜ ପାତ୍ର, ପୁରୁଷୋତ୍ତମ କର୍ମୀ, ପିଙ୍କି ଧରୁଆ, ତପସ୍ୱିନୀ ନାଏକ, ହିମା ପଟେଲ, ହେମାଙ୍ଗିନୀ ଜୁଏଡ, ପଙ୍କଜିନୀ ଜୁଏଡ, ଶାନ୍ତି ସାହୁ, ଲଳିତ ରଣା ପ୍ରମୁଖ ବକ୍ତବ୍ୟ ଦେଇଥିଲେ । ସଂଯୋଜକ ପ୍ରବୀର କମ୍ପ ଓ ଜଗବନ୍ଧୁ ବେହେରାଙ୍କ ଆବାହକତ୍ୱରେ ଏହା ଅନୁଷ୍ଠିତ ହୋଇଥିଲା ।

## ପ୍ରେମ ପାଇଁ ଜୀବନ ଗଲା
# କୂଅରୁ ମୃତଦେହ ଉଦ୍ଧାର

**ଭବାନୀପାଟଣା, ୧୨।୪(ସମିସ):** କଳାହାଣ୍ଡି ଜିଲ୍ଲା ନର୍ଲା ଥାନା ନିସାନପୁର ପଞ୍ଚାୟତ ପାଣିମୁଣ୍ଡା ଗାଁର ଏକ ପରିତ୍ୟକ୍ତ କୂଅରୁ ଗତ ୭ ତାରିଖ ଦିନ ଜଣେ ଯୁବକଙ୍କ ମୃତଦେହକୁ ନର୍ଲା ପୁଲିସ ଉଦ୍ଧାର କରିଥିଲା। ମୃତକ ଯୁବକ ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ଉଦିତ ନାରାୟଣପୁର ଗ୍ରାମର ଗୌରାଙ୍ଗ ମାଝୀ (୧୯) ବୋଲି ଜଣାପଡ଼ିଛି। ଗୌରାଙ୍ଗ ୪ ତାରିଖ ଦିନ ପାଣିମୁଣ୍ଡା ଗାଁକୁ ପ୍ରହରୀ ଦେଖିବାକୁ ଯାଇଥିଲେ। ହେଲେ ସେଠାରୁ ସେ ଫେରି ନ ଥିଲେ। ତେବେ ପରିବାର ଲୋକେ ବହୁତ ଖୋଜାଖୋଜି କରିବା ପରେ ମଧ୍ୟ ତାଙ୍କୁ ନପାଇବାରୁ ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ ଦେଇଥିଲେ। ହେଲେ ୭ ତାରିଖ ସକାଳରେ ଗୌରାଙ୍ଗଙ୍କ ମୃତ ଦେହ କୁଅଁରୁ ଉଦ୍ଧାର ହେବା ପରେ ତାଙ୍କ ବାପା ଦିନବନ୍ଧୁ ମାଝୀ (୪୫) ହତ୍ୟା ଅଭିଯୋଗ ଆଣି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପ୍ରେମ ସମ୍ପର୍କକୁ ନେଇଁ ଗୌରାଙ୍ଗଙ୍କୁ ହତ୍ୟା କରିକି କୂଅରେ ଫିଙ୍ଗି ଦେଇଥିବା ନେଇଁ ତାଙ୍କ ବାପା ଅଭିଯୋଗ ଆଣିଥିଲେ। ଏହାପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ଗୌରାଙ୍ଗଙ୍କୁ ହତ୍ୟା କରାଯାଇଥିବା ନେଇ ପୁଲିସକୁ ଜାଣିବାକୁ ପାଇଥିଲା। ତେବେ ଗୌରାଙ୍ଗଙ୍କ ହତ୍ୟା ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ନାବାଳିକା ପ୍ରେମିକା ସମେତ ୧୨ଜଣକୁ ନର୍ଲା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ମୁଖ୍ୟଅଭିଯୁକ୍ତମାନେ ହେଲେ ସାନଖଏରମାଲ ଗାଁର ନାବାଳିକାର ୨ ଭାଇ, ବିଜୁ ମାଝୀ ଓ ଦୀପକ ମାଝୀ, ଭିଣୋଇ ରଞ୍ଜନ ମାଝୀ ସମେତ ୧୧ ଜଣକୁ ଗିରଫ କରିଛି ପୁଲିସ।

**ହତ୍ୟା ଅଭିଯୋଗରେ ୧୨ ଗିରଫ**

# ଗାଁକୁ ଚାଲ ଅଭିଯାନ

**କଲମପୁର, ୧୨।୪(ସମିସ):** କଲମପୁର ମଣ୍ଡଳ ବିଜେପି ତରଫରୁ ଗାଁ ଚାଲ ଅଭିଯାନ ଆରମ୍ଭ ହୋଇଯାଇଛି। ଅଭିଯାନ ଇଚ୍ଛାପୁରଗ୍ରାମ ଦେପୁର ଶକ୍ତିକେନ୍ଦ୍ର ଠାରୁ ଆରମ୍ଭ ହୋଇଥିଲା। ମଣ୍ଡଳ ସଭାପତି ହିତେଶ ରଞ୍ଜନ ପାତ୍ର, ଦେପୁର ସମିତି ସଭ୍ୟା ବୁଧ ଭୋଇ, ଉପସଭାପତି ସରୋଜ ସାହାଣୀ, କୋଷାଧ୍ୟକ୍ଷ ରୁଦ୍ରପ୍ରସାଦ ଲହଜଲ୍, ସନ୍ଥ ସାହୁ, ରତ୍ନାକର ଛତ୍ରିଆ, ବିମ୍ବା ମାଲ, ଚିତ୍ରକେତୁ ବିହାର, ଦିବାନ ଚଲାନ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

**ଗୋଲାମୁଣ୍ଡା:** ଜୁନାଗଡ଼ ନିର୍ବାଚନ ମଣ୍ଡଳୀ, ଗୋଲାମୁଣ୍ଡା ମଣ୍ଡଳ ତରଫରୁ ଚପ୍ରିଆ ଶକ୍ତି କେନ୍ଦ୍ରର ଟିଙ୍ଗି ପଦର ଗ୍ରାମ ଓ ଖଲିଆପାଲି ଶକ୍ତି କେନ୍ଦ୍ରର କାଲିପୁର ମିରମିରି ଖଲିଆପାଲିଗ୍ରାମରେ ଗାଁ ଚାଲ ଅଭିଯାନ କାର୍ଯ୍ୟକ୍ରମ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଜୁନାଗଡ଼ ବିଜେପି ବିଧାୟକ ପ୍ରାର୍ଥୀ ମନୋଜ କୁମାର ମେହେର ଏବଂ ମଣ୍ଡଳ ସଭାପତି ବୈଶାଖୁ କେତକୀ, ମଣ୍ଡଳ ପ୍ରଭାରୀ ନିରୁପମା ନାଏକ, ମଣ୍ଡଳ ଟୋଲି, ଶକ୍ତିକେନ୍ଦ୍ର ପ୍ରମୁଖ ବୁଥ୍ ସଭାପତି ଓ ସମସ୍ତ ମଣ୍ଡଳୀ କାର୍ଯ୍ୟକର୍ତ୍ତା ଉପସ୍ଥିତି ରହିଥିଲେ।

## ତୁର୍କେଲ ବ୍ରିଜ ଦବିଯିବାର ୬ ମାସ ପୂରିଲା
# ପୂର୍ତ୍ତ ବିଭାଗ ପକ୍ଷରୁ ୧୬କୋଟି ୨୦ଲକ୍ଷ ଟଙ୍କାର ଖର୍ଚ୍ଚ ଅଟକଳ

**ଭବାନୀପାଟଣା, ୧୨।୪(ସମିସ)**

ଭବାନୀପାଟଣାରୁ ଖରିଆର ତଥା ନୂଆପଡ଼ା ଜିଲ୍ଲା ଏବଂ ପଡୋଶୀ ରାଜ୍ୟ ଛତିଶଗଡ଼କୁ ଯାତାୟତ ପାଇଁ ଥିବା ତୁର୍କେଲ ବ୍ରିଜ ଦବିଯିବା ଖବର ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଗତ ସେପ୍ଟେମ୍ବର ମାସରେ ପ୍ରବଳ ବର୍ଷା କାରଣରୁ ସ୍ଥିତି

## ଫାଇଲ ଉପରେ ସରକାର ମୋହର ମାରିବେ କେବେ

ବିପଦ ସଂକୁଳ ଅବସ୍ଥାରେ ପହଞ୍ଚି ବ୍ରିଜକୁ କ୍ଷତି ପହଞ୍ଚାଇଛି। ବ୍ରିଜର ଗୋଟିଏ ସ୍ଥାନରେ ଦବିଯିବା ଭଳି ଦୃଶ୍ୟମାନ ହେବାରୁ ସାଧାରଣଜନତା ଭୟଭୀତ ହେବା ଯୋଗୁଁ ବ୍ରିଜ ଉପରଦେଇ ଗାଡି ଚଳାଚଳ ବନ୍ଦ କରିଦିଆଯାଇଥିଲା। ଅନେକ ଭାରିଯାନ ବ୍ରିଜ ଉପର ଦେଇ ଯାତାୟତକୁ ବାରଣ କରାଗଲା। ରାଜ୍ୟ ରାଜପଥ ୧୬ରେ ତେଲ ନଦୀ ଉପରେ ତୁର୍କେଲ ବ୍ରିଜ ୫୦ବର୍ଷ ପୂର୍ବରୁ ଅର୍ଥାତ ୧୯୭୦ ମସିହାରେ ନିର୍ମାଣ ହୋଇଥିଲା। ୧୪ଟି ସ୍ପାନ ସହିତ ଏହି ପୁରୁଣା ବ୍ରିଜ ପ୍ରତି ଜନସାଧାରଣ ଆଉ ଭରସା କରିପାରୁନାହାନ୍ତି। ଇତିମଧ୍ୟରେ ବିଭିନ୍ନ ରାଜନୈତିକ ଦଳ ଭିନ୍ନ ଭିନ୍ନ ସମୟରେ ଗସ୍ତକରି ତୁର୍କେଲ ବ୍ରିଜର ନିର୍ମାଣ ପାଇଁ ଦାବି କରିଛନ୍ତି। କଂଗ୍ରେସରୁ ବିଧାୟକ ସାଗର ଚରଣ ଦାସ ଓ ବିଜେଡିରୁ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ବ୍ରିଜ ଦବିବା ଘଟଣାକୁ ଅଧିକ ଗୁରୁତ୍ୱ ଦେଇ ଆସୁଥିଲେ। ତେବେ ବର୍ତ୍ତମାନ ପୂର୍ତ୍ତ ବିଭାଗ ତତ୍ପରତା ପ୍ରଦର୍ଶନ କରି ଡିପିଆର୍ ପ୍ରସ୍ତୁତ କରିବା ସହିତ ଖର୍ଚ୍ଚ ଅଟକଳ ସରକାରଙ୍କ ନିକଟକୁ ପଠାଇସାରିଛନ୍ତି। କିନ୍ତୁ ଫାଇଲ ଉପରେ ମୋହର ବାଜିନାହିଁ। ୪ଶହ ୮୦ମିଟର ତୁର୍କେଲ ବ୍ରିଜ ନିର୍ମାଣ ଲାଗି



୧୬କୋଟି ୨୦ ଲକ୍ଷ ଟଙ୍କାର ଖର୍ଚ୍ଚ ଅଟକଳ କରାଯାଇଥିବା ଜଣାପଡ଼ିଛି। ବିଭାଗୀୟ ସହକାରୀ ଯନ୍ତ୍ରୀଙ୍କ କହିବା କଥା ଯେ ଗୋଟିଏ ସ୍ଥାନରେ ଏକ୍ସପାନସନ ଜଏଣ୍ଟରେ ପାଣି ଜମୁଛି। ତାହାହେଲେ ଗତ ଜୁନ ମାସରେ ସେଣ୍ଟ୍ରାଲ ରୋଡ଼ ରିସର୍ଚ୍ଚ ଇନଷ୍ଟିଚ୍ୟୁସନ ଟିମ୍ ଆସି ସର୍ଭେ କରି ଯାଇଥିଲେ କାହିଁକି? ଖୁବଶୀଘ୍ର ଏହି ବ୍ରିଜର ଆବଶ୍ୟକୀୟ ମରାମତି ସହ ଦୀର୍ଘସ୍ଥାୟୀ କରିବାକୁ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ପୂର୍ତ୍ତ ବିଭାଗ କେବଳ ଆଶ୍ୱାସନା ଦେଇ ୬ମାସ ଗଡ଼େଇ ନେଇଥିଲେ। ଫାଇଲ ଉପରେ କେବେ ସରକାରଙ୍କ ନଜର ପଡ଼ିବ ଏବଂ ପ୍ରସ୍ତାବିତ ଖର୍ଚ୍ଚ ଅଟକଳ ମଞ୍ଜୁର ହେବ ସେଥିପାଇଁ ସମସ୍ତଙ୍କ ବଡ଼ ଅପେକ୍ଷାଟିଏ ରହିଛି। ଯଦି ବିଳମ୍ବ ହୁଏ ତେବେ ପୁଣି ଆନ୍ଦୋଳନ ଦାନା ବାନ୍ଧିବା ନିଶ୍ଚିତ। ଦୀର୍ଘ ଦିନ ପୋଲିସ ଉଭୟପଟୁ ଯାନବାହାନ ସବୁ କର୍ଡନ କରି ରଖିଥିବା ଦେଖିବାକୁ ମିଳିଥିଲା। ଦୀର୍ଘ ୬ମାସ ଧରି ଜନସାଧାରଣ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇ ଯାତାୟାତ କରୁଛନ୍ତି। ମାଣି ଦେଇ ଗର୍ଗଗାଓ, ଅର୍ତ୍ତଲ ହୋଇ ଯିବାକୁ ପଡୁଥିବା ବେଳେ ଆଉ କେହି କେହି ଲୁଥୁରବନ୍ଧ ରାସ୍ତାରେ ଯାଇ ଟିଟିଲାଗଡ଼ ଓ ବୋଙ୍ଗମୁଣ୍ଡା ଦେଇ ଯାଉଥିବା ଜଣାଯାଇଛି। ଏହି ଦୁଇଟି ରାସ୍ତାରେ ବାଧହୋଇ ଅଧିକା ୨୦/୩୦ କିଲୋମିଟର ରାସ୍ତା ଅତିକ୍ରମ କରିବାକୁ ପଡୁଛି। ଗତ ମାଟ୍ରିକ ପରୀକ୍ଷା ସମୟରେ ଛାତ୍ର ଛାତ୍ରୀମାନେ ଘୋର ହଟହଟା ହୋଇଥିଲେ। ସେହିଭଳି କପା ଓ ଧାନ ମଣ୍ଡିକୁ ଚାଷୀ ଆସିବା କାଠିକର ପରିସ୍ଥିତି ସୃଷ୍ଟି କରିଥିଲା। କିନ୍ତୁ ପୂର୍ତ୍ତ ବିଭାଗ ଓ ରାଜ୍ୟ ସରକାରଙ୍କ କୌଣସି ଆବେଗ ଉଦ୍ବେଗ ନଥିଲା। ନିୟମିତ ରକ୍ଷଣାବେକ୍ଷଣ ଓ ଅନୁଧ୍ୟାନର ଅଭାବ ଯୋଗୁଁ ବ୍ରିଜ ଗୁଡିକର ଅବସ୍ଥା ଶୋଚନୀୟ ଆଡକୁ ଗତି କରୁଛି। ଏତେସତ୍ତ୍ୱେ ଡବଲ ଇଞ୍ଜିନ ସରକାର କେମିତି ନୀରବ ରହୁଛନ୍ତି ବୋଲି ବିଭିନ୍ନ ମହଲରୁ ପ୍ରତିକ୍ରିୟା ପ୍ରକାଶ ପାଉଛି। ତଥାପି ଫାଇଲ ଉପରେ ସରକାରଙ୍କ ମୋହର ବାଜିଲେ ତୁରନ୍ତ ଯୁଦ୍ଧକାଳୀନ ଭିତ୍ତିରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ପୂର୍ତ୍ତ ବିଭାଗ ପକ୍ଷରୁ ଆଶ୍ୱାସନା ମିଳିଛି।

# ଗୋବିନ୍ଦ ବନଛୋର କେସିଙ୍ଗା ସଚେତନ ନାଗରିକ ମଞ୍ଚର ନୂତନ ସଭାପତି

**କେସିଙ୍ଗା, ୧୨।୪(ସମିସ):** କଳାହାଣ୍ଡି ଜିଲ୍ଲା ଅଗ୍ରଣୀ ସାମାଜିକ ସଂଘ ସଚେତନ ନାଗରିକ ମଞ୍ଚ କେସିଙ୍ଗା ର ନୂତନ ସଭାପତି ଭାବେ ପୂର୍ବତନ କେସିଙ୍ଗା ଏନ୍ଏସି ଉପାଧ୍ୟକ୍ଷ ଗୋବିନ୍ଦ ବନଛୋର ସର୍ବସମ୍ମତି କ୍ରମେ ମନୋନୀତ ହୋଇଛନ୍ତି। ରବିବାର କେସିଙ୍ଗା ଆରଏମ୍ସି ଠାରେ



ପୂର୍ବତନ ସଭାପତି ଚିତ୍ତ ରଞ୍ଜନ ଭୋଇଙ୍କ ସଭାପତିତ୍ୱ ସାଧାରଣ ବୈଠକରେ ଶ୍ରୀ ବନଛୋରଙ୍କୁ ଆଗାମୀ ଦୁଇ ବର୍ଷ ପାଇଁ ସଚେତନ ନାଗରିକ ମଞ୍ଚର ସଭାପତି ଭାବେ ଗୁରୁଦାୟିତ୍ୱ ଦିଆଯାଇଛି। ତାଙ୍କର ସହମତି ଅନୁଯାଇ ଆଗାମୀ ଦିନରେ ସଚେତନ ନାଗରିକ ମଞ୍ଚ କେସିଙ୍ଗାର ପୂର୍ଣ୍ଣାଙ୍ଗ କମିଟି ଗଠନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ନୂତନ ସଭାପତି ଶ୍ରୀ ବନଛୋର ଆଗାମୀ ଦିନରେ ସଚେତନ ନାଗରିକ ମଞ୍ଚ ଅଞ୍ଚଳର ବିକାଶ ରେ ସାରଥୀ ହୋଇ ଠିଆ ହେବ ଓ ପୂର୍ବ ଭଳି ସଂଗଠନକୁ ମଜବୁତ କରିବା ପାଇଁ ଆମେ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଲୋକଙ୍କୁ ସଂଗଠିତ କରି କେସିଙ୍ଗା ଅଞ୍ଚଳ ର ବିକାଶ ପାଇଁ କାର୍ଯ୍ୟ କରିବୁ ବୋଲି କହିଛନ୍ତି। ବୈଠକରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ରାମଲାଲ ସୁନାନୀ, ସନ୍ତୋଷ ସାହୁ ପୂର୍ବତନ ଏନ୍ଏସି ଅଧ୍ୟକ୍ଷ ରାମଜୀ ମାତଖଣ୍ଡିଆ, ସରିତା ସିନ୍ଧୁର, ପୂର୍ବତନ ସଭାପତି ଉତ୍ତର ମହଲା, ରମେଶ ପଟ୍ଟନାୟକ, ରଘୁରାଜ ସିଂ, କୃଷ୍ଣ ଚନ୍ଦ୍ର ସାହୁ, ପଙ୍କଜ ଗଉଡ଼, ନିକିତା ଜୈନ, ରଞ୍ଜନ ବେହେରା, ସଞ୍ଜୀବ ବେନାର୍ଜୀ, ନୀଳ ମହଲା, ଚମ୍ପକ ସାହା, ରିସବ ଜୈନ ପ୍ରମୁଖଙ୍କ ସହ ବହୁ ସଂଖ୍ୟା ରେ ସଚେତନ ନାଗରିକ ମଞ୍ଚର ସଦସ୍ୟ ଉପସ୍ଥିତ ଥିଲେ।

# ଏଟିଏମ୍ ଅଚଳରୁ ଗ୍ରାହକ ହନ୍ତସନ୍ତ

**ଗୋଲାମୁଣ୍ଡା, ୧୨।୪(ସମିସ):** ଗୋଲାମୁଣ୍ଡା ବ୍ଲକସଦର ମହକୁମା ଠାରେ ଥିବା ଏକମାତ୍ର ଏସ୍ବିଏଇ ଏଟିଏମ ଯାହା ଉପରେ ହଜାର ହଜାର ଗ୍ରାହକ ନିର୍ଭର କରିଥାନ୍ତି କିନ୍ତୁ ତାହା ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ଦୀର୍ଘ ଦିନ ହେବ ଖରାପ ହୋଇ ଆସୁଅଛି। ବର୍ତ୍ତମାନ ଏହା ଅଚଳ ହୋଇ ପଡ଼ିଛି କେବଳ ନାମକୁ ମାତ୍ର ଏହାକୁ ସଜାଡିବା ପାଇଁ ମେକାନିକମାନେ ଆସୁଛନ୍ତି ହେଲେ କେବେ ଠିକ କରିପାରୁନାହାନ୍ତି। ଯାହାକୁ ନେଇ ଅଞ୍ଚଳବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଥିବା ବେଳେ ଏଠାରେ କେତେବେଳେ ଟଙ୍କା ନଥିବା ଆଉ କେତେବେଳେ ଖରାପ ଥିବା ଦର୍ଶାଯାଉଛି ଅଧିକାରୀଙ୍କୁ ଯେତେ ଅଭିଯୋଗ କଲେ ମଧ୍ୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଉନାହାନ୍ତି। ଏହାକୁ ନେଇ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଉଚ୍ଚ କର୍ତ୍ତୃପକ୍ଷ ଧ୍ୟାନ ଦେବାକୁ ଦାବି ହେଉଛି।

# ତରାପୁରରେ ବିଜେଡିର ସାଂଗଠନିକ କାର୍ଯ୍ୟକର୍ତ୍ତା ସମ୍ମିଳନୀ



**ଧର୍ମଗଡ଼, ୧୨।୪(ସମିସ):** ରବିବାର ଧର୍ମଗଡ ବ୍ଲକ ତରାପୁରରେ ବିଜେଡିର ପଞ୍ଚାୟତସ୍ତରୀୟ ସାଂଗଠନିକ କାର୍ଯ୍ୟକର୍ତ୍ତା ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଜୁ ଜନତା ଦଳର ବ୍ଲକ ସଭାପତି ଡାକେ ଲହଜଲଙ୍କ ସଭାପତିତ୍ୱରେ ଉକ୍ତ ବୈଠକରେ ତୃଣମୂଳସ୍ତରରେ ଦଳକୁ ଆହୁରି ମଜବୁତ୍ କରାଯିବା ସହ ଆଗାମୀ ପଞ୍ଚାୟତସ୍ତରୀୟ ନିର୍ବାଚନ ରଣନୀତି ଉପରେ ଆଲୋଚନା କରିଥିଲେ। ଜିଲ୍ଲା ଉପସଭାପତି ଥବିର ପ୍ରସାଦ ସାହୁ, ମହିଳା ସଭାନେତ୍ରୀ ମମତା ଗୋପାଳ, ତରାପୁର ପଞ୍ଚାୟତ ସରପଞ୍ଚ ପ୍ରତିନିଧି ସଞ୍ଜୀବ କୁମାର ସାହୁ, ସୁନୀଲ ଦୁରିଆ, ନରେନ୍ଦ୍ର ପଟେଲ, ଅଜିତ କୁମାର ସାହୁ ଓ ଅନ୍ୟାନ୍ୟ ପ୍ରମୁଖ ବିଜୁ ପ୍ରେମୀ କାର୍ଯ୍ୟକର୍ତ୍ତା ସାମିଲ ହୋଇ ଆଗାମୀ ପଞ୍ଚାୟତସ୍ତରୀୟ ନିର୍ବାଚନ ସମ୍ପର୍କରେ ଆଲୋଚନା କରିଥଲେ। ବୈଠକରେ ଯୁବ ଓ ଛାତ୍ର କର୍ମୀମାନଙ୍କ ସଂଗଠନକୁ କିପରି ଆହୁରି ସୁସଂଗଠିତ ଓ ସକ୍ରିୟ କରାଯିବ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ବିଜୁ ଜନତା ଦଳର କାର୍ଯ୍ୟ ଯୋଜନା ଓ ଗ୍ରାମସ୍ତରରେ ଦଳକୁ କିପରି ଆହୁରି ଶକ୍ତିଶାଳୀ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା।

# ଆସାମ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

**ଭବାନୀପାଟଣା, ୧୨।୪ (ସମିସ):** କଳାହାଣ୍ଡି ଜିଲ୍ଲା କଂଗ୍ରେସ ଦଳ ସଭାପତି ଜଳନ୍ଧର ନାୟକଙ୍କ ନେତୃତ୍?ରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ କୁଶପୁତ୍ତଳିକା ଦାହ କରାଯାଇ ବିଜେପିର କେନ୍ଦ୍ରୀୟ ନେତା, ନରେନ୍ଦ୍ର ମୋଦୀ, ଅମିତ୍ ସାହା, ଆସାମ ମୁଖ୍ୟମନ୍ତ୍ରୀ ବିରୋଧରେ ସ୍ଲୋଗାନ ଦେଇଥିଲେ। କଂଗ୍ରେସ ଅଧ୍ୟକ୍ଷ ଶ୍ରୀ ମଲ୍ଲିକାର୍ଜୁନ ଖଡ୍ଗେଙ୍କ ପ୍ରତି ଆସାମ ମୁଖ୍ୟମନ୍ତ୍ରୀ ବିଶ୍ୱ ଶର୍ମା ଅଶାଳୀନ ଟିପ୍ପଣୀ ଦେଇଥିବା ପ୍ରତିବାଦରେ ଦେଶ ସାରା ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ପି ସି ସି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶରେ କଂଗ୍ରେସ ଦଳ ପକ୍ଷରୁ ଆସାମ ମୁଖ୍ୟମନ୍ତ୍ରୀ ଶ୍ରୀ ବିଶ୍ୱ ଶର୍ମାଙ୍କ କୁଶପୁତ୍ତଳିକା ଦାହ କରି କଟୁ ସମାଲୋଚନା କରିଥିଲେ।

## କେସିଙ୍ଗା ରେଳଷ୍ଟେସନରୁ ୪୦ଲକ୍ଷ ଟଙ୍କା ଜବତ ଘଟଣା
# ଦଶ ଦିନ ପରେ ମଧ୍ୟ ସୂଚନା ମିଳୁନି

**କେସିଙ୍ଗା, ୧୨।୪(ସମିସ):** ଗତ ୩ ତାରିଖ ଦିନ କେସିଙ୍ଗା ରେଳ ଷ୍ଟେସନରୁ ଜଣେ ବଙ୍ଗୀୟ ଯୁବକ ଠାରୁ ୪୦ ଲକ୍ଷ ଟଙ୍କା ଜବତ ଘଟଣାର ଗୁମର ଫିଟିଛି ନା ନାହିଁ ଆଜି ପର୍ଯ୍ୟନ୍ତ ଜଣାପଡ଼ିନାହିଁ। ସାରା ଓଡ଼ିଶାରେ ଚହଳ ପକାଇଥିବା ଉକ୍ତ ମାମଲାରେ ରେଳବାଇ ପୁଲିସ ଟଙ୍କା ଜବତ କରି ନିଜ କାମ ସାରି ଦେଇଥିବା ବେଳେ ଆୟକର ବିଭାଗ ୧୦ ଦିନ ପରେ ତଦନ୍ତ କେତେଦୂର ପର୍ଯ୍ୟନ୍ତ ନେଇଛି କିଛି ସଠିକ ସୂଚନା ଦେଉ ନାହିଁ। ଟଙ୍କା ପଠାଉଥିବା କେସିଙ୍ଗା ସୁନା ବେପାରୀକୁ କ୍ଲିନ୍‌ଚିଟ ଦିଆଗଲା ନା ଜବତ ଟଙ୍କା କଳାଧନ ତାହା ଜଣାପଡୁନାହିଁ।ଯଦି କଳାଧନ ତାହାହେଲେ ସରକାରୀ ନିୟମ ଅନୁସାରେ କେତେ ଟଙ୍କା ତାଙ୍କୁ ଜରିମାନା ଦେବାକୁ ପଡ଼ିଲା ତାହା ଜାଣିବା ପାଇଁ ଅଞ୍ଚଳବାସୀ ଚାହିଁ ରହିଥିବା ବେଳେ ଘଟଣାର ସଠିକ୍ ସୂଚନା ମିଳିପାରୁ ନାହିଁ। ଏମିତି ଅନେକ ବ୍ୟବସାୟୀ ଅଞ୍ଚଳରୁ କୋଟି କୋଟି ଟଙ୍କା ନେଇ ଅନ୍ୟ ରାଜ୍ୟକୁ ଯାଉଥିବା ଅଞ୍ଚଳରେ ଚର୍ଚ୍ଚା ହେଉଥିଲେ ମଧ୍ୟ ଯିଏ ଧରାପାଡୁଛି ବା ଅନ୍ୟକିଛି ଠକେଇର ଶିକାର ହେଲେ ତାହାର ନାମ ଗଣମାଧ୍ୟମ ଜରିଆରେ ସମ୍ମୁଖକୁ ଆସୁଛି ନ ରୀତିମତ ଏମିତି କାମ ସବୁ ସମୟରେ ହେଉଥିବା ଶୁଣିବାକୁ ମିଳୁଛି। ଟଙ୍କା ଜବତ କେସିଙ୍ଗା ଷ୍ଟେସନ ହେଲା ତଦନ୍ତ ପ୍ରକ୍ରିୟା ଟିଟଲାଗଡ଼ରେ ହୋଇଥିବାରୁ କେସିଙ୍ଗାରେ ଥିବା ଗଣମାଧ୍ୟମ ପ୍ରତିନିଧିଙ୍କୁ କିଛି ଖବର ମିଳୁନାହିଁ। ଆଉ କେତେ ଦିନ ପରେ ୪୦ ଲକ୍ଷର ହିସାବ ମିଳିବ ଦେଖିବାକୁ ବାକି ରହିଲା।

## ■ ଋଷିପୀଠ ଯୋଗୀମଠ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା
# ମନ ମୋହିଲା ସାଂସ୍କୃତିକ କାର୍ଯ୍ୟକ୍ରମ



**ଖଡ଼ିଆଳ, ୧୨।୪(ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଡୁକୁଲାଠାରେ ଚାଲିଥିବା ଋଷିପୀଠ ଯୋଗୀ ମଠ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନମୋହିଛି। ମହୋତ୍ସବ ପାଳନ କମିଟିର ଉପସଭାପତି ବୃନ୍ଦାଙ୍ଗ ଜାନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ନୂଆପଡ଼ା ଜିଲ୍ଲା ପରିଷଦ ଅଧ୍ୟକ୍ଷା ଡଲି ମାଝି, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, ଏନ୍ଏସି ଅଧ୍ୟକ୍ଷ ଉଜ୍ଜଳ ଗୁପ୍ତା, ବିଡିଓ ମିଳନ ଝାଙ୍କର, ତହସିଲଦାର ନରସିଂଙ୍ଗ ଗଦବା, ଖାସବାହାଲ ସରପଞ୍ଚ କୁନୁ ଚରଣ ବେହେରା, ବଙ୍ଗୋମୁଣ୍ଡା ବ୍ଲକ ବଲଧା ସରପଞ୍ଚ ସଦାଚରଣ ତାଣ୍ଡି, ମୁଖ୍ୟବକ୍ତା ଭାବେ ଜିଲ୍ଲା କଳାସଂସ୍କୃତି ସଂଘ ଉପସଭାପତି ଅର୍ଜୁନ ଛତ୍ରିଆ ଯୋଗ ଦେଇଥିଲେ। ଶିକ୍ଷାବିତ ବିଭୂତି ଦାଶ ସ୍ୱାଗତ ଭାଷଣ ଦେଇଥିବା ବେଳେ ବେଣୁ ପାଣି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଡୁକୁଲା ବାଳିକା ଉଚ୍ଚବିଦ୍ୟାଳୟର ଛାତ୍ରୀ ସ୍ୱାଗତ ସଙ୍ଗୀତ ଗାନ କରିଥିବାବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ଖଡ଼ିଆଳ ଲିଟିଲ ଷ୍ଟାର ପବ୍ଲିକ ସ୍କୁଲର ଓଡ଼ିଶୀ, ବୋଡ଼େନ ଧୋବେଇ ସେବାଶ୍ରମର ଆଦିବାସୀ ନୃତ୍ୟ, ଖଡ଼ିଆଳର ଜୟ ମାତାଦି ସାଂସ୍କୃତିକ ଅନୁଷ୍ଠାନର ସୁନାଦେଇ ଯାତ୍ରା, ପଲସଦା ସେବାଶ୍ରାମର ଘୁଡକା ନୃତ୍ୟ, ସିନାପାଲି ବ୍ଲକ ନିଲଜୀ ପଶ୍ଚିମ ଓଡ଼ିଶା ଫୋକ ଡ୍ୟାନ୍ସ, ଖଡ଼ିଆଳ ବଙ୍କାପୁରର ଚନ୍ଦ୍ରଶେଖର, ଦୀନବନ୍ଧୁ ଓ ଦେବେନ୍ଦ୍ର କମେଡି, ଭବାନୀପାଟଣା ମହାବୀର ସାଂସ୍କୃତିକ ଅନୁଷ୍ଠାନର ଘୁମୁରା ଓ ପଞ୍ଚରସ ପରିବେଷଣ କରାଯାଇଥିଲା।

# ନବ ନିଯୁକ୍ତ ପ୍ରସିକ୍ୟୁଟରଙ୍କ ତାଲିମ କାର୍ଯ୍ୟକ୍ରମ



**ନୂଆପଡ଼ା, ୧୨।୪(ସମିସ):** ସ୍ଥାନୀୟ ସଦଭାବନା ସଭାଗୃହରେ ରାଜ୍ୟ ଆଇନ ବିଭାଗ ଓ ସାଧାରଣ ଅଭିଯୋଗ ନିର୍ଦ୍ଦେଶାଳୟ ଭୁବନେଶ୍ୱର ତରଫରୁ ନୂଆପଡ଼ା ଜିଲ୍ଲାର ଅଣକ୍ୟାଡର ପ୍ରସିକ୍ୟୁଟରମାନଙ୍କ ପାଇଁ ତାଲିମ କାର୍ଯ୍ୟକ୍ରମଅନୁଷ୍ଠିତହୋଇଯାଇଛି।କାର୍ଯ୍ୟକ୍ରମର ପ୍ରଥମ ଦିନରେ ପବ୍ଲିକ ପ୍ରୋସିକ୍ୟୁଟର ସତ୍ୟନାରାୟଣ ଜୈନ ଅଧ୍ୟକ୍ଷତା କରିଥିବା ବେଳେ ଏସ୍‌ପି ଅମ୍ରିତପାଳ ସିଂ ମୁଖ୍ୟଅତିଥି, ଆସିଷ୍ଟାଣ୍ଟ ଡାଇରେକ୍ଟର ରଜନୀ ସୁରେଖା କୁଜୁର ସମ୍ମାନିତ ଅତିଥିଭାବେ ଯୋଗଦେଇ ନବନିଯୁକ୍ତ ପିପି(ପବ୍ଲିକ ପ୍ରୋସିକ୍ୟୁଟର), ଅତିରିକ୍ତ ପିପି, ସହକାରୀ ପିପିମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଆଇନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ।ଦ୍ୱିତୀୟ ଦିନର କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟଅତିଥି, ଡେପୁଟି ଡାଇରେକ୍ଟର ମାନସ ରଞ୍ଜନ ବେହେରା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ କୋର୍ଟରୁ ୩୦ରୁ ଊର୍ଦ୍ଧ୍ୱ ପ୍ରତିଭାଗୀ ଯୋଗ ଦେଇଥିଲେ। ଷ୍ଟେନୋ ସୁଶ୍ରୀ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କେବେ ବଦଳିବ ଅର୍ଦ୍ଧନିର୍ମିତ କେସିଙ୍ଗା ବସ୍ଷ୍ଟାଣ୍ଡର ଭାଗ୍ୟ

**କେସିଙ୍ଗା, ୧୨।୪(ସମିସ)**

କଳାହାଣ୍ଡି ଜିଲ୍ଲାର କେସିଙ୍ଗା ସହର ଜିଲ୍ଲାର ଅନ୍ୟତମ ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳୀ। ଜିଲ୍ଲାର ଅନ୍ୟ ସହରରେ ସୁନ୍ଦର ବସ୍ଷ୍ଟାଣ୍ଡ ଗୁଡ଼ିକ ତିଆରି କରାଯାଇ ସେଗୁଡିକୁ ଯାତ୍ରୀଙ୍କ ଉପଯୋଗୀ କରାଯାଇଛି ହେଲେ






କେସିଙ୍ଗା ଆଜି ପର୍ଯ୍ୟନ୍ତ ବସ୍ଷ୍ଟାଣ୍ଡ ବିହୀନ ହୋଇ ପଡ଼ିରହିଛି। କେସିଙ୍ଗା ବ୍ଲକର ୨୬ ପଞ୍ଚାୟତ ସମେତ ପଡୋଶୀ ବଲାଙ୍ଗିର ଜିଲ୍ଲାର ଅନେକ ଲୋକ କେସିଙ୍ଗା ଉପରେ ନିର୍ଭର କରିଥାନ୍ତି।କାହିଁ କେତେ ଦଶନ୍ଧିରୁ ସ୍ଥାନୀୟ ଭେଟ୍ନାରି ଛକ ଠାରେ ଏନ୍ଏଚ-୨୬ ଉପରେ ଅସ୍ଥାୟୀ ଭାବରେ କେସିଙ୍ଗା ବସ୍ଷ୍ଟାଣ୍ଡ ଅଛି ରାସ୍ତା ଉପରେ ବସ୍ଷ୍ଟାଣ୍ଡ ଥିବାରୁ ଅନେକ ସମୟରେ ଟ୍ରାଫିକ ସମସ୍ୟା ଉପୁଜିଛି। ସେହି ସ୍ଥାନରେ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ମଧ୍ୟ ହେଉଥିବା ଅନେକ ଉଦାହରଣ ରହିଛି।ସେପଟେ ନବୀନ ସରକାର ଅମଳରେ ବଲାଙ୍ଗିର ଛକଠାରୁ ପ୍ରାୟ ୧ କିମି ଦୂର କୁର୍ଲୁପଡ଼ା ଠାରେ ୨୦୦୬ ମସିହାରେ ବିଆର୍‌ଜିଏଫ୍ ଓ ଆଇଡିଏସଏମଟି ଯୋଜନାରେ କେସିଙ୍ଗା ଏନ୍ଏସି ପକ୍ଷରୁ ୧ କୋଟି ୪୨ ଲକ୍ଷ ଟଙ୍କା ବ୍ୟୟରେ ବସ୍ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ସେହି ସମୟରେ ସେତିକି ଟଙ୍କାରେ ଯେତିକି କାମ ହେବାର କଥା ସେତିକି କାମ କରାଯାଇ ସେହି ସମୟର କଳାହାଣ୍ଡି ଲୋକସଭା ସାଂସଦ ଅର୍କକେଶରି ଦେଓ, ସଦରବିଧାୟକ ଅନାମ ନାଏକ, ଜିଲ୍ଲାପାଳ ବିଜୟ କେତନ ଉପାଧ୍ୟାୟଙ୍କ କରକମଳରେ ଉଦ୍‌ଘାଟନ କରାଯାଇଥିଲା। ଉଦ୍‌ଘାଟନ ପରେ ସହରରୁ ଏକ କିଲୋମିଟର ଦୂର ହେବାରୁ କୌଣସି ବସ୍ ଆଉ ବସ୍ଷ୍ଟାଣ୍ଡକୁ ଗଲାନାହିଁ। ପରେ ୨୦୧୮ ମସିହାରେ ଜିଲ୍ଲା ପ୍ରଶାସନ ଏକ ଆଦେଶ ପାରିତ କରି ସମସ୍ତ ସରକାରୀ ଓ ବେସରକାରୀ ବସ୍‌ଗୁଡ଼ାକୁ ବସ୍ଷ୍ଟାଣ୍ଡ ଯିବା ପାଇଁ ବାଧ କରାଯାଇଥିଲା। କିଛି ଦିନ ସବୁ ଠିକ୍ ଠାକ୍ ଚାଲିଲା ପରେ କିଛି ମାସ ପରେ ପୁଣିଥରେ ବସ ଗୁଡ଼ାକ ବସ୍ଷ୍ଟାଣ୍ଡ ଆଉ ଗଲା ନାହିଁ ଯାହାକି ଆଜି ପର୍ଯ୍ୟନ୍ତ ବଳବତ୍ତର ରହିଛି।ଯାତ୍ରୀଙ୍କ ସୁବିଧା ପାଇଁ ବସ୍ଷ୍ଟାଣ୍ଡରେ ଏନ୍ଏସି ପକ୍ଷରୁ ସୁଲଭ ଶୌଚାଳୟ, ଯାତ୍ରୀଙ୍କ ସୁରକ୍ଷା ପାଇଁ ପୁଲିସ ଆଉଟ୍ ପୋଷ୍ଟ, ଅମୃତଧାରା, ବସ୍ଷ୍ଟାଣ୍ଡ ସମ୍ମୁଖରେ ପ୍ରାୟ ୨୫ ଲକ୍ଷ ଟଙ୍କା ଖର୍ଚ୍ଚ କରି ସୁନ୍ଦର ଓପନ ଜିମ୍‌ର ବ୍ୟବସ୍ଥା କରାଯାଇ ଥିଲେ ମଧ୍ୟ ବସ ଗୁଡ଼ାକ କାହିଁକି ବସ୍ଷ୍ଟାଣ୍ଡକୁ ଯାଉ ନାହିଁ ଜଣାପଡୁନାହିଁ। ବ୍ୟବସାୟ ଦୃଷ୍ଟି କୋଣରୁ ବସ୍ଷ୍ଟାଣ୍ଡରେ ୧୦ରୁ ୧୨ଟି କମ୍ପ୍ଲେକ୍ସ ମଧ୍ୟ ତିଆରି କରାଯାଇଛି ହେଲେ ତାହା ଦଶନ୍ଧିରୁ ବନ୍ଦ ପଡ଼ିଛି।ଅନୁଦାନ ଅଭାବରୁ ନା ବସ୍ଷ୍ଟାଣ୍ଡ ନିର୍ମାଣ ହେଉଛି ନା ବସ୍ ଗୁଡ଼ାକ ବସ୍ଷ୍ଟାଣ୍ଡ ଯାଉଛି। ଅର୍ଦ୍ଧ ନିର୍ମିତ ହୋଇ ପଡ଼ି ରହିଥିବା ଖମ୍ବ ଗୁଡ଼ାକ ବର୍ଷା ଖରା ଖାଇ ଖାଇ ଖରାପ ହୋଇ ଗଲାଣି। ଷ୍ଟଲ ଗୁଡିକରେ ତାଲା ଝୁଲୁଛି। ସେପଟେ ଦୁଇଦିନ ତଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଅଟଳ ବସ୍ଷ୍ଟାଣ୍ଡ

## ଖୋଜୁଛି ସରକାରୀ ସହାୟତା

ଯୋଜନାକୁ ମଞ୍ଜୁରୀ ମିଳି ସାରା ରାଜ୍ୟର ୩୧୮ଟି ବସ୍ଷ୍ଟାଣ୍ଡର ଉନ୍ନତିକରଣ ପାଇଁ ୩୪ ଶହ କୋଟି ଟଙ୍କା ଖର୍ଚ୍ଚ କରାଯିବ ଘୋଷଣା କରାଯିବା ପରେ କେସିଙ୍ଗା ବସ୍ଷ୍ଟାଣ୍ଡର ମଧ୍ୟ ଉନ୍ନତିକରଣ ହେବ ବୋଲି ଅଞ୍ଚଳବାସୀ ଆଶା ରଖିଛନ୍ତି। ଉକ୍ତ ୩୧୮ ବସ୍ଷ୍ଟାଣ୍ଡ ଲିଷ୍ଟରେ କେସିଙ୍ଗା ବସ୍ଷ୍ଟାଣ୍ଡର ନାମ ଅଛି କି ନାହିଁ ଯଦି ଅଛି କେସିଙ୍ଗା କ। ଗ କେଉଁ ଶ୍ରେଣୀରେ ରହିଛି ତାହା କିଛି ଦିନ ମଧ୍ୟରେ ଜଣାପଡ଼ିବ।ଯାହାବି ହେଉ କେସିଙ୍ଗା ବସ୍ଷ୍ଟାଣ୍ଡକୁ ଅଟଳ ବସଷ୍ଟାଣ୍ଡ ଯୋଜନାରେ କ ଶ୍ରେଣୀରେ ରଖି କେସିଙ୍ଗାର ବିକାଶ କରିବା ପାଇଁ ଅଞ୍ଚଳବାସୀ ଦାବି କରୁଛନ୍ତି।

# ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା



**କୋକସରା, ୧୨।୪(ସମିସ):** କୋକସରା ବ୍ଲକ ସିଉନୀସ୍ଥିତି ଜିଲ୍ଲା ଭତରା ସମାଜର ମୁଖ୍ୟ କାର୍ଯ୍ୟାଳୟଠାରେ ରବିବାର କଳାହାଣ୍ଡି ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ବିଜୟ ଦିଶାରୀଙ୍କୁ ସମାଜ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ଜିଲ୍ଲା ସଭାପତି ନିଳକଣ୍ଠ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାବରେ କଳାହାଣ୍ଡି ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଶ୍ରୀଦିଶାରୀଙ୍କୁ ଜିଲ୍ଲା ଭତରା ସମାଜ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନା ସଭାକୁ ଜିଲ୍ଲା ସମ୍ପାଦକ ଲୋକେଶ ରଞ୍ଜନ ନାଏକ ପରିଚାଳନା କରିଥିବା ବେଳେ ଜିଲ୍ଲା ସହ ସମ୍ପାଦକ ଭୁବନେଶ୍ୱର ଦିଶାରୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଗରୁଡ଼ଧ୍ୱଜ ମାଝୀ, ଗୋପିଚନ ନାଏକ, ରତୁରାଜ ମାଝୀ, ଘନଶ୍ୟାମ ନାଏକ, କଲମପୁର ଜିଲ୍ଲାପରିଷଦ ଦୁହିତା ମାଝୀ, ସୁଶାନ୍ତ କୁମାର ମାଝୀ, ରଣସାଏ ପାତ୍ର, ସୁଧୀର ପାତ୍ର, ସହଦେବ ଗୌନ୍ତିଆ, ବେଣୁଧର ନାଏକ, ଟିକିଚନ୍ଦ୍ର ମାଝୀ, ଦିଗାମ୍ବର ମାଝୀ, ବନ ଦଣ୍ଡସେନା, ଦେବୀ ସିଂ, ଖଗେଶ୍ୱର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

